*ଶିକ୍ଷଣ ବିଷୟବସ୍ତୁ / ଶିକ୍ଷା ଧାରା*

- ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠାଗାରର ପୁସ୍ତକ, ସମ୍ବାଦପତ୍ର, ପତ୍ର ପତ୍ରିକା ଇତ୍ୟାଦିର ପଠନ ଅଭ୍ୟାସ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯିବ।
- ବିଦ୍ୟାଳୟର ମୁଖପତ୍ର ଓ ପ୍ରାଚୀର ପତ୍ର ପଠନ।
- ଭାଷାଜ୍ଞାନର ଅଭିବୃଦ୍ଧି ତଥା ଶବ୍ଦ ଭଣ୍ଡାରର ଅଭିବୃଦ୍ଧି ନିମନ୍ତେ ବ୍ୟାକରଣ ପୁସ୍ତକ ସହିତ ଅନ୍ୟାନ୍ୟ ସହାୟକ ପୁସ୍ତକର ପଠନ।
- ଶିକ୍ଷାର୍ଥୀମାନଙ୍କୁ ଦଳଗତ ଓ ବ୍ୟକ୍ତିଗତ ଭାବରେ ବର୍ଣ୍ଣନା, ଆଲୋଚନା ଇତ୍ୟାଦି କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ।

(iv) ଲିଖନ

*ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ*

- ଲେଖାଲେଖି ପାଇଁ ଶବ୍ଦଜ୍ଞାନ ବୃଦ୍ଧି କରିବା ସଂଗେ ସଂଗେ ସେଗୁଡ଼ିକର ଉପଯୁକ୍ତ ପ୍ରୟୋଗ କରିପାରୁଥିବେ।
- ସମାନାର୍ଥକ ଶବ୍ଦ ପ୍ରୟୋଗରେ ପ୍ରସଙ୍ଗ ଅନୁସାରେ ସାବଧାନତା ଅବଲମ୍ବନ କରୁଥିବେ।
- କୌଣସି ଗୋଟିଏ ବିଚାରଧାରାକୁ ଗୋଟିଏ ଅନୁଚ୍ଛେଦରେ ପ୍ରକାଶ କରିପାରୁଥିବେ।
- ଆବଶ୍ୟକତା ଅନୁଯାୟୀ ଲେଖାରେ ଶୀର୍ଷକ, ଉପଶୀର୍ଷକ ଦେଇପାରୁଥିବେ।
- ଆବଶ୍ୟକତା ଅନୁସାରେ ବ୍ୟକ୍ତିଗତପତ୍ର, ସାମାଜିକ ପତ୍ର, ବ୍ୟାବସାୟିକ ପତ୍ର, ଆବେଦନ ପତ୍ର (ଦରଖାସ୍ତ) ଇତ୍ୟାଦି ଲେଖିପାରୁଥିବେ।

*ଶିକ୍ଷଣ ବିଷୟବସ୍ତୁ / ଶିକ୍ଷା ଧାରା*

- ବିଦ୍ୟାଳୟର ମୁଖପତ୍ର, ପ୍ରାଚୀର ପତ୍ର, ସମ୍ବାଦପତ୍ର ତଥା ଅନ୍ୟାନ୍ୟ ପତ୍ର ପତ୍ରିକାରେ ସର୍ଜନାତ୍ମକ ରଚନା ପ୍ରକାଶନ ପାଇଁ ଶ୍ରେଣୀ ଗୃହରେ ଆଲୋଚନା ଓ ବାତାବରଣ ସୃଷ୍ଟି କରାଯିବ□।
- ଶବ୍ଦ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ବ୍ୟାକରଣ ଓ ଅନ୍ୟାନ୍ୟ ସହାୟକ ପୁସ୍ତକଗୁଡ଼ିକୁ ଶ୍ରେଣୀ ଗୃହରେ ବିତରଣ କରିବେ।
- ଅପରିଚିତ ଅନୁଚ୍ଛେଦର ଭାବ, ସାରାଂଶ ଲିଖନ ଅଭ୍ୟାସ ପାଇଁ ଶ୍ରେଣୀ ଗୃହରେ ସୁଯୋଗ ସୃଷ୍ଟି କରାଯିବ।
- ବ୍ୟକ୍ତିଗତ ପତ୍ର, ସାମାଜିକ ପତ୍ର, ବ୍ୟାବସାୟିକ ପତ୍ର, ଆବେଦନ ପତ୍ର ବା ଦରଖାସ୍ତ ଲିଖନର ଅଭ୍ୟାସ ପାଇଁ ଉତ୍ସାହ ପ୍ରଦାନ କରାଯିବ।

ରଚନା : ପ୍ରାୟ ୨୫୦ଟି ଶବ୍ଦରେ ଲେଖାଯିବ। ଅନ୍ୟୁନ ୮ଟି ରଚନା ଶ୍ରେଣୀଗୃହରେ ଲିଖନ ଅଭ୍ୟାସ କରାଯିବ।

ପତ୍ରଲିଖନ/ଦରଖାସ୍ତ : ପ୍ରାୟ ୧୦୦ଟି ଶବ୍ଦରେ ଲେଖାଯିବ। ଅନ୍ୟୁନ ୬ଟିପତ୍ରଲିଖନ ଓ ଦରଖାସ୍ତ ଶ୍ରେଣୀଗୃହରେ ଲିଖନ ଅଭ୍ୟାସ କରାଯିବ।